# NATIONAL NEWS BULLETIN (ODIA)

**25 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ଆଲୋଚନା ଲକ୍ଷ୍ୟ ନେଇ ଆଜି ସନ୍ଧ୍ୟାରେ ବସିବ ସର୍ବଦଳୀୟ ବୈଠକ

- ଯୁଦ୍ଧ ପରିସମାପ୍ତି ଏବଂ ପରିମାଣୁ କାର୍ଯ୍ୟକ୍ରମରୁ ଦୂରେଇ ରହିବାନେଇ ଇରାନକୁ ୧୫ ସୂତ୍ରୀ ପ୍ରସ୍ତାବ ଦେଲା ଆମେରିକା

- ନିଯୁକ୍ତିକ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଏବଂ ସାମଗ୍ରିକ ବିକାଶ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି, କହିଲେ ଅର୍ଥମନ୍ତ୍ରୀ

ଏବଂ

- ୪୮ ବର୍ଷ ପରେ ପୁରୀ ଶ୍ରୀମନ୍ଦିରରେ ଆଜି ଆରମ୍ଭ ହୋଇଛି ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି ପ୍ରକ୍ରିୟା

## ଅଲ୍ ପାର୍ଟି ମିଟିଂ

ପଶ୍ଚିମ ଏସିଆରେ ସଂଘର୍ଷ ପରିପ୍ରେକ୍ଷୀରେ ଆଲୋଚନା କରିବା ଲକ୍ଷ୍ୟ ନେଇ ସରକାର ଆଜି ସନ୍ଧ୍ୟାରେ ସର୍ବଦଳୀୟ ବୈଠକ ଡକାଇଛନ୍ତି । ସଂସଦ ପରିସରରେ ଏହି ବୈଠକ ଅନୁଷ୍ଠିତ ହେବ । ଏ ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ବିରୋଧୀଦଳ ଗୁଡ଼ିକ ସହିତ ସାଂପ୍ରତିକ ପରିସ୍ଥିତିରେ ଆଲୋଚନା କରିବା ଲକ୍ଷ୍ୟରେ ସରକାର

ଏହି ବୈଠକ ଡକାଇଛନ୍ତି । ଆହ୍ୱାନ ସମୟରେ ବିରୋଧୀଦଳ ଗଠନମୂଳକ ଭୂମିକା ଗ୍ରହଣ କରିବା ଉଚିତ । କିନ୍ତୁ ଦୁର୍ଭାଗ୍ୟବଶତଃ ସେମାନେ ହୀନ ରାଜନୀତି କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

**V/O**

ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ-ଏ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ରାମଦାଶ ଅଠାୱାଲେ କହିଛନ୍ତି ବୈଠକ ସମୟରେ ପଶ୍ଚିମ ଏସିଆ ପରିସ୍ଥିତି ନେଇ ପ୍ରତ୍ୟେକ ଦଳ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବା ଉଚିତ । ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ସଂଘର୍ଷ ନେଇ ଉଭୟ ସଦନରେ ନିଜର ବିବୃତ୍ତି ରଖିଥିଲେ । ତୈଳ, ଗ୍ୟାସ୍ ଏବଂ ସାରର ପର୍ଯ୍ୟାପ୍ତ ଯୋଗାଣକୁ ସୁନିଶ୍ଚିତ କରିବା ନେଇ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ।

## ବିପିସିଏଲ୍-ଏଚ୍‌ପିସିଏଲ୍ ଫୁଏଲ୍

ଦେଶରେ ଇନ୍ଧନର କୌଣସି ଅଭାବ ନାହିଁ ବୋଲି ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କମ୍ପାନୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ କହିଛନ୍ତି, ଏଲ୍‌ପିଜି, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ବିମାନ ଟର୍ବାଇନ୍ ଇନ୍ଧନ ପର୍ଯ୍ୟାପ୍ତ ପରିମାଣରେ ମହଜୁତ ରହିଛି । ଯୋଗାଣ ଶୃଙ୍ଖଳ ସୁଗମ ଭାବେ କାର୍ଯ୍ୟକାରୀ କରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ପେଟ୍ରୋଲ୍ ଓ ଡିଜେଲ ଅଭାବ ସଂକ୍ରାନ୍ତ ଗୁଜବକୁ ବିଶ୍ୱାସ ନ କରିବାକୁ ଏହି କମ୍ପାନୀଗୁଡ଼ିକ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

---

# ୟୁଏସ୍‌-୧୫ ପଏଣ୍ଟ ପ୍ଲାନ୍‌

ଯୁଦ୍ଧ ପରିସମାପ୍ତି ଏବଂ ପରମାଣୁ କାର୍ଯ୍ୟକ୍ରମରୁ ଦୂରେଇ ରହିବା ଆଧାରରେ ଆମେରିକା’ ଇରାନକୁ ଏକ ୧୫ ସୂତ୍ରୀ ପ୍ରସ୍ତାବ ଦେଇଛି । ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ତେହରାନ୍‌ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ପ୍ରସ୍ତାବ ସଂପର୍କରେ ମଧ୍ୟସ୍ଥିଙ୍କ ମାଧ୍ୟମରେ ଇରାନକୁ ଜଣାଇ ଦିଆଯାଇଛି । ଇରାନର ପରମାଣୁ ମହତ୍ତ୍ୱାକାଂକ୍ଷାକୁ ପ୍ରତିହତ କରିବା ଏବଂ ଭିତ୍ତିଭୂମିକୁ ପୁନଃ ଆକାର ପ୍ରଦାନ କରିବା ନେଇ ପ୍ରସ୍ତାବରେ ବ୍ୟାପକ ରୂପରେଖ ରହିଛି ବୋଲି ରିପୋର୍ଟରେ କୁହାଯାଇଛି । ଇରାନର ୩ଟି ମୁଖ୍ୟ ପରମାଣୁ ପ୍ରତିଷ୍ଠାନକୁ ବନ୍ଦ କରିବା, ୟୁରାନିୟମ୍‌ର ବ୍ୟାପକ ଉପଯୋଗକୁ ପ୍ରତିହତ କରିବା ଏବଂ ବାଲିଷ୍ଟିକ୍‌ କ୍ଷେପଣାସ୍ତ୍ରର କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ମଧ୍ୟ ଏହି ପ୍ରସ୍ତାବରେ ଅନ୍ତର୍ଭୁକ୍ତ ରହିଛି ।

ହର୍ମୁଜ ପ୍ରଣାଳୀକୁ ସଂପୂର୍ଣ୍ଣ ଉନ୍ମୁକ୍ତ ରଖିବାକୁ ମଧ ଏହି ପ୍ରସ୍ତାବରେ କୁହାଯାଇଛି । ରିପୋର୍ଟ କହିଛି, ଫେବୃୟାରୀ ୨୮ ତାରିଖରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଦାବିଗୁଡ଼ିକୁ ଏହି ପ୍ରସ୍ତାବ ପ୍ରତିଫଳନ କରୁଛି ।

# ଇସିଆଇ ସୁପ୍ରିମକୋର୍ଟ

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍‌

ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏଥିପାଇଁ ମୌଖିକ ଭାବେ ଆସନ୍ତାମାସ ୬ ତାରିଖକୁ ସମୟସୀମା ଧାର୍ଯ୍ୟ କରିଛନ୍ତି । ମତଦାନ ଅନୁଷ୍ଠିତ ହୋଇସାରିଥିବା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଏହି କାର୍ଯ୍ୟ ପ୍ରଥମେ ଶେଷ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଏଣିକି ପ୍ରତ୍ୟେକ ଦିନ ସଂପୂର୍ଣ୍ଣ ହୋଇଥିବା ଆବେଦନଗୁଡ଼ିକର ତାଲିକା ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟ  କହିଛନ୍ତି । ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଗତକାଲି ସୁପ୍ରିମକୋର୍ଟ’ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଯୋଗାଯୋଗ କରିବାକୁ କମିଶନଙ୍କୁ କହିଛନ୍ତି । ମାମଲାର ଶୁଣାଣି ସମୟରେ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ସୋମବାର ପ୍ରକାଶିତ ତାଲିକାରେ ବାଦ୍ ଦିଆଯାଇଥିବା ନାମଗୁଡ଼ିକ ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇ ନାହିଁ ବୋଲି କୋର୍ଟରେ ଅଭିଯୋଗ କରାଯାଇଛି । ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରାର୍ଥୀଙ୍କର ରହିଥିବା ଆବେଦନକୁପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ପହିଲାକୁ ଧାର୍ଯ୍ୟ ହୋଇଛି ।

# ନୋମିନେସନ୍ ପୋଷ୍ଟ

ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଗତକାଲି ଶେଷ ହୋଇଛି। ଏଥିସହିତ ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ମଧ୍ୟ ନାମାଙ୍କନପତ୍ର ଯାଞ୍ଚ ସରିଛି । ଆସନ୍ତାକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି ।  ପ୍ରଥମ ପର୍ଯ୍ୟାୟରେ

ଆସନ୍ତା ମାସ ୯ ତାରିଖରେ ଏହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଗ୍ରହଣ କରାଯିବ।

# ଏଲ୍ଏସ୍-ଫାଇନାନ୍ସ ବିଲ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସରକାର ଏମ୍ଏସ୍ଏମ୍ଇ, କୃଷିକ୍ଷେତ୍ର ଏବଂ ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଲୋକସଭାରେ ଆଜି ଅର୍ଥବିଲ୍-୨୦୨୬ ଉପରେ ଆଲୋଚନାରେ ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ନିଯୁକ୍ତିକ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଏବଂ ସାମଗ୍ରୀକ ବିକାଶ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି । ଚଳିତ ଆର୍ଥିକବର୍ଷ ପାଇଁ ପ୍ରସ୍ତାବିତ ପଦକ୍ଷେପକୁ କାର୍ଯ୍ୟକାରୀ କରିବାକୁ ସରକାର ପ୍ରୟାସ କରୁଛନ୍ତି । ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ସରକାର ଡିଜିଟାଲ ଭିତ୍ତିଭୂମି, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ସାମୁଦ୍ରିକ ଉତ୍ପାଦ, ଚମଡ଼ା, ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଏବଂ ପରମାଣୁ ଶକ୍ତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଂସ୍କାର ଏକ୍ସପ୍ରେସ୍ ସହିତ ଗତିଶୀଳ ହେଉଛି । ଗୃହରେ ଆଗତ ଅର୍ଥବିଲ୍ ମଧ୍ୟବିତ୍ତବର୍ଗଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି ଏବଂ ସରକାର ୧୭ଟି ଗୁରୁତ୍ୱପୂର୍ଣ୍ଣ ଜୀବନରକ୍ଷାକାରୀ ଔଷଧ ଉପରୁ ମୌଳିକ ସୀମାଶୁଳ୍କ ଛାଡ଼ କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ଗୃହରେ କହିଛନ୍ତି।

# ରତ୍ନଭଣ୍ଡାର ଗଣତିମଣତି

ଦୀର୍ଘ ୪୮ ବର୍ଷର ବ୍ୟବଧାନ ପରେ ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କର ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହୋଇଛି । ଅପରାହ୍ନରେ ମାହେନ୍ଦ୍ର ବେଳା ସମୟରେ ନିର୍ଦ୍ଦିଷ୍ଟ କର୍ମଚାରୀ ଏବଂ ସେବକ ମନ୍ଦିରରେ ପ୍ରବେଶ କରି ଗଣତି ମଣତି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଅଳଙ୍କାରଗୁଡ଼ିକର ଗଣନା, ଓଜନ ଏବଂ ଚିହ୍ନଟ କରାଯିବା ସହିତ ୧୯୭୮ ମସିହାର ରେକର୍ଡ ସହିତ ମେଳ କରାଯିବା ନେଇ ନିଷ୍ପତ୍ତି ହୋଇଛି । ତେବେ ଅଳଙ୍କାରର କୌଣସି ମୂଲ୍ୟାଙ୍କନ କରାଯିବ ନାହିଁ । ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗଣତି ମଣତିର ଭିଡ଼ିଓ ରେକର୍ଡିଂ, ଡିଜିଟାଲ ଫଟୋଗ୍ରାଫି ଏବଂ ଥ୍ରୀ-ଡି ମ୍ୟାପିଂ କରାଯାଉଛି । ଅଳଙ୍କାରଗୁଡ଼ିକୁ ସ୍ୱତନ୍ତ୍ର ରଙ୍ଗଯୁକ୍ତ କପଡ଼ାରେ ଗୁଡ଼ାଯାଇ  ସିନ୍ଧୁକରେ ସୁରକ୍ଷିତ ଭାବେ ରଖାଯିବା ପାଇଁ ବ୍ୟବସ୍ଥା ହୋଇଛି । ଗଣତିମଣତିରେ ମନୋନୀତ ମନ୍ଦିର ପ୍ରଶାସନିକ କର୍ମକର୍ତ୍ତା, ଭାରତୀୟ ରିଜର୍ଭବ୍ୟାଙ୍କ ଓ ସରକାରୀ ବ୍ୟାଙ୍କର ପ୍ରତିନିଧି ସାମିଲ ହୋଇଛନ୍ତି । ତେବେ ଶ୍ରୀଜୀଉଙ୍କର ନୀତି ସମ୍ପାଦନ ଏବଂ ଶ୍ରଦ୍ଧାଳୁଙ୍କ ଦର୍ଶନ ସ୍ୱାଭାବିକ ଭାବେ ଜାରି ରହିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଲୋକସଭା-ସୋଲାର ଏନର୍ଜି

ଦେଶରେ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ୧୭୨ ଗିଗାୱାଟ୍‌ରେ ପହଞ୍ଚିଥିବା ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାର ପ୍ରଶ୍ନକାଳରେ ଆଜି ଏ ସଂପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ

ଯୋଶୀ କହିଛନ୍ତି, ଦେଶରେ ସୌର ସେଲ୍ ଉତ୍ପାଦନ କ୍ଷମତା ଏବେ ୨୭ ଗିଗାଓ୍ୱାଟକୁ ବୃଦ୍ଧି ପାଇଛି । ସାମଗ୍ରିକ ସୌର ବିଦ୍ୟୁତ୍ ଉତ୍ପାଦନ ଏବେ ୧୪୪ ଗିଗାଓ୍ୱାଟ୍‌କୁ ବୃଦ୍ଧି ପାଇଥିବା ମନ୍ତ୍ରୀ ଗୃହରେ କହିଛନ୍ତି । ସରକାରଙ୍କ ଉତ୍ପାଦନ ଭିତ୍ତିକ ସହାୟତା ଯୋଜନା -ପିଏଲ୍ଆଇ ଅଧୀନରେ ସରକାର କେତେକ ପ୍ରକଳ୍ପର ଘୋଷଣା କରିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଃଶୁଳ୍କ ବିଜୁଳି ଯୋଜନା ଅଧୀନରେ ସମଗ୍ର ଦେଶରେ ପ୍ରତିଦିନ ପ୍ରାୟ ୧୦ ହଜାର ସୌର ସେଲ୍ ସ୍ଥାପନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଏପର୍ଯ୍ୟନ୍ତ ଦେଶରେ ଛାତ ଉପରେ ୪୦ଲକ୍ଷ ସୌର ୟୁନିଟ୍ ସ୍ଥାପନ କରାଯାଇଛି, ଯାହାକି ବିକେନ୍ଦ୍ରୀକୃତ ସୌରଶକ୍ତିର ବ୍ୟାପକତାକୁ ପ୍ରତିଫଳିତ କରୁଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ ଗୃହରେ କହିଛନ୍ତି ।

## ଏନ୍‌ବିଏ-ଇଣ୍ଟର୍ଣ୍ଣସିପ୍

ସ୍ନାତକ କିମ୍ବା ସ୍ନାତକୋତ୍ତର ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଜୈବ ବିବିଧତା ପ୍ରାଧିକରଣ-ଏନ୍‌ବିଏ ଏକ ୩ ମାସିଆ ସ୍ୱଳ୍ପକାଳିନ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି ।୧ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କହିଛି, ପ୍ରାଧିକରଣର ବିଭିନ୍ନ ପଦକ୍ଷେପ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଜୈବ ବିବିଧତାର ସଂଗଠନ, ପରିବେଶ ସଚେତନତା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କ ପାଇଁ ଏହି କାର୍ଯ୍ୟକ୍ରମ ସୁଯୋଗ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି ।

ନିଯୁକ୍ତିକ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।